# ଆଜି ଅନୁଗୋଳ ଜିଲ୍ଲାରୁ ୫୩୨  ଜଣ କରୋନା ପଜିଟିଭ ଚିହ୍ନଟ

## ପଜିଟିଭ ସଂଖ୍ୟା ୧୮୩୩୧ରେ ପହଞ୍ଚିଲା - ସୁସ୍ଥ ହେଲେ  ୩୯୩ଜଣ  ।

ଅନୁଗୋଳ, ତା.୦୬.୦୫:-  ଆଜି ଅନୁଗୋଳ ଜିଲ୍ଲାରେ ୫୩୨  ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଥିବାର ଜଣାପଡିଛି । ସେହିପରି  ଅନ୍ୟ ଜିଲ୍ଲାରୁ ଅନୁଗୋଳରେ  ସ୍ଵାବ ନମୁନା ଦେଇଥିବା ବ୍ୟକ୍ତିମାନଂକ ମଧ୍ୟରୁ  ୧୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇ ସମୁଦାୟ ଆକ୍ରାନ୍ତଂକ ସଂଖ୍ୟା ୪୩୪  ରେ ପହଂଚିଛି ।  ଅନୁଗୋଳ ଜିଲ୍ଲା ମଧ୍ୟରୁ  ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଂକ ମଧ୍ୟରେ  ବଣ୍ଡରପାଳ ବ୍ଲକ୍ ଅଂଚଳରୁ୧୧୯ଜଣ ( ୭୮ଜଣ ପୁରୁଷ ଓ ୪୧ଜଣ ମହିଳା), ଛେଣ୍ଡିପଦା ବ୍ଲକ୍ ଅଂଚଳରୁ  ୮୨ଜଣ ( ୬୦ଜଣ ପୁରୁଷ ଓ ୨୨ଜଣ ମହିଳା), ଅନୁଗୋଳ ପୌରାଞ୍ଚଳରୁ  ୬୫ଜଣ ( ୪୩ଜଣ ପୁରୁଷ ଓ ୨୨ଜଣ ମହିଳା), କିଶୋରନଗର ବ୍ଲକ୍ ଅଂଚଳରୁ ୪୪ଜଣ ( ୩୧ଜଣ ପୁରୁଷ ଓ ୧୩ଜଣ ମହିଳା), ଅନୁଗୋଳ ବ୍ଲକ୍ ଅଂଚଳରୁ ୪୩ଜଣ ( ୨୬ଜଣ ପୁରୁଷ ଓ୧୭ ଜଣ ମହିଳା), କଣିହାଁ ବ୍ଲକ୍ ଅଂଚଳରୁ ୪୩ଜଣ ( ୨୭ଜଣ ପୁରୁଷ ଓ ୧୬ଜଣ ମହିଳା), ଆଠମଲ୍ଲିକ ବ୍ଲକ୍ ଅଂଚଳରୁ ୪୨ଜଣ ( ୩୭ଜଣ ପୁରୁଷ ଓ ୫ଜଣ ମହିଳା), ତାଳଚେର ବ୍ଲକ୍ ଅଂଚଳରୁ ୩୩ଜଣ ( ୨୦ଜଣ ପୁରୁଷ ଓ୧୩ ଜଣ ମହିଳା), ପାଲଲହଡା ବ୍ଲକ୍ ଅଂଚଳରୁ ୨୫ଜଣ ( ୧୬ଜଣ ପୁରୁଷ ଓ ୯ଜଣ ମହିଳା), ତାଳଚେର ପୌରାଞ୍ଚଳରୁ ୨୩ଜଣ (୧୫ ଜଣ ପୁରୁଷ ଓ ୮ଜଣ ମହିଳା) ଓ ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦରୁ ୧୩ଜଣ ( ୮ଜଣ ପୁରୁଷ ଓ ୫ଜଣ ମହିଳା) ଅଛନ୍ତି  ।  ଚିହ୍ନଟ ହୋଇଥିବା ସମସ୍ତ ଲକ୍ଷଣଯୁକ୍ତ ଆକ୍ରାନ୍ତମାନଂକୁ  ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର  କରୋନା ୱାର୍ଡ   ଓ  ୮୫ ଜଣଂକୁ  ତାଳଚେର କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଥିବା ବେଳେ  ସ୍ଵଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହିନ ଆକ୍ରାନ୍ତମାନଂକୁ ନିଜ ଘରେ Isolation ରେ ରଖାଯାଇ ନିରିକ୍ଷଣ କରାଯାଉଛି ବୋଲି  ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ଵାଇଁ ପ୍ରକାଶ କରିଛନ୍ତି । ଆଜି ଅନୁଗୋଳ ଜିଲ୍ଲାରୁ ୩୯୩ ଜଣ ସୁସ୍ଥ ହୋଇଛନ୍ତି  ।

ଅପରାହ୍ନରେ  ଜିଲ୍ଲାପାଳ ଜିଲ୍ଲାରେ କୋଭିଡ ସ୍ଥିତିକୁ ନେଇ ସମୀକ୍ଷା କରିଥିଲେ ।  କୋଭିଡ ନିୟନ୍ତ୍ରଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଓ ଅଗ୍ରଗତି ସମ୍ପର୍କରେ ସେ ସମୀକ୍ଷା କରିଥିଲେ  ।  ଅକ୍ସିଜେନ ଟ୍ୟାଂକର ଗୁଡିକୁ ଆଂଚଳିକ ପରିବହନ ଅଧିକାରୀ  ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ  ।  ଅନୁଗୋଳ ଜିଲ୍ଲା କୋଭିଡ କେୟାର ହସପିଟାଲକୁ ବନ୍ଦ କରାଯାଇ ଆସନ୍ତାକାଲି ଠାରୁ ସେଠାରେ  ଆଇସୋଲେସନ୍ ୱାର୍ଡ ଚାଲିବ ।  ତାଳଚେର କୋଭିଡ ହସପିଟାଲକୁ ଡାକ୍ତର, ନର୍ସ ଓ ଆଟେଣ୍ଡାଣ୍ଟ ନିୟମିତ ଦିନକୁ ଥରେ ପରିଦର୍ଶନ କରିବେ  ।   ଅନୁଗୋଳକୁ ୨ ଗୋଟି, ଆଠମଲ୍ଲିକ ଓ ପାଲଲହଡାକୁ ଗୋଟିଏ ଲେଖାଏଁ ମହାପ୍ରୟାଣ ଗାଡି ଯୋଗାଇ ଦିଆଯିବ  ।  ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ଵ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ  ଶ୍ରୀ ଦିଲ୍ଲିପ କୁମାର ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ଵାସ୍ଥ୍ୟ ଅଧିକାରୀ ଡା.ଅଭୟ କୁମାର ଦାଶ ଓ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି   ପ୍ରମୁଖ ଉପସ୍ଥିତ ଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ  ।**

ଜ୍ଞାପକ ସଂଖ୍ୟା.  ୨୯୬     ତା.୦୬.୦୫.୨୦୨୧ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା  ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ